
# କ୍ଷିତିଜ୍ୟୋତିଃ ବ୍ରହ୍ମଯଜ୍ଞ



ଓଁ ନମୋ ଭଗବତେ ଯଦୁନନ୍ଦନାୟ, ସୁକାନ୍ତି ସୁତାୟ, କେଶବଚନ୍ଦ୍ରାୟ !!!

# କ୍ଷିତିଜ୍ୟୋତିଃ ବ୍ରହ୍ମଯଜ୍ଞ

## ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍

ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ, କ୍ଷିତିଜ୍ୟୋତି ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା ।

ସ୍ଥାନ : ରାଉରକେଲା, ସେକ୍ଟର - ୮ (ଆଖଣ୍ଡଳମଣି ମନ୍ଦିର ପରିସର)

ତା ୧୦.୨.୨୦୧୪ରିଖ - (ମଙ୍ଗଳବାର) ଭୌମୀ ଏକାଦଶୀ ଠାରୁ

ତା ୧୪.୨.୨୦୧୪ରିଖ- (ଶନିବାର) ଅଗ୍ନିପୂର୍ଣ୍ଣିମା ପର୍ଯ୍ୟନ୍ତ

ଓଁ ଶ୍ରୀ ଗୁରୁଦେବାୟ ନମଃ

ଓଁ କ୍ଲୀଂ ଗୁରୁଦେବାୟ ବିଦ୍ମହେ, ପ୍ରେମଦାତାୟଧିମହୀ

ତନ୍ନୋ ଗୁରୁ ପ୍ରଚୋଦୟାତ୍ ।

ସଦାସ୍ମିତହାସଂ ସଦାପୀତବାସଂ ।
ଜରିଆତଟ ପୁଲିନଂ ଭକ୍ତରସ ରାଜମ୍ ।।
ଆଜାନୁଧଲମ୍ବିତଂ ସୁବିଶାଳ ବାହୁଂ ।
ନଗୌର ବର୍ଣ୍ଣଂ ନ ଚ ଶ୍ୟାମ ତନୁମ୍ ।।
ଭକ୍ତ ମନୋହାରୀ ବୀଣାଜିଣା କଣ୍ଠଂ ।
ଅତ୍ୟଚ୍ଛ ବାଚଂ ପରିବ୍ୟାପ୍ତ ଭାବମ୍ ।।
ଯୁଗାନ୍ତ କାଳୀନଂ ଚରମ ନିର୍ଯ୍ୟାସଂ ।
ସୁକାନ୍ତି ସୁନୁଂ ଚ ତାତ ଯଦୁନାଥମ୍ ।।

ସ୍ରଷ୍ଟା ପୁରୁଷଙ୍କ ସୃଷ୍ଟ ଏ ସୃଷ୍ଟି ଅତୀବ ବୈଚିତ୍ର୍ୟମୟ । ଲୀଳାର ସ୍ୱାଦ ଆସ୍ୱାଦନ ପାଇଁ ସେ ଜୀବକୁ କଣ୍ଢେଇ ପରି ନଚାନ୍ତି । ସେ ଗହନ କଥାକୁ ଭଗବାନଙ୍କର ଅମୃତ ସନ୍ତାନ ଯୋଗୀ, ମୁନି, ପ୍ରାଜ୍ଞ, ବିଜ୍ଞ ମହାମନୀଷୀ ପଣ୍ଡିତମାନେ ମଧ୍ୟ ବେଳେବେଳେ ବୁଝିବାକୁ ଅସମର୍ଥ ହୋଇ ପଡନ୍ତି । ତାଙ୍କର ଏ ସୃଷ୍ଟି ବିଚିତ୍ର ପୁଣି ଅମୃତମୟ, ମାତ୍ର ମଣିଷ ନିଜର ଅହଂବୁଦ୍ଧିକୁ ସାର କରି ନିଜର ଖିଆଲି ମନର କୁବାସନାକୁ ଚରିତାର୍ଥ କରିବା ଲକ୍ଷ୍ୟରେ ଏତେ ପ୍ରୟାସୀ ହୋଇ ଉଠିଛି ଯେ ପ୍ରେମମୟଙ୍କର ସେ ଅମୃତ ତତ୍ତ୍ୱରେ ନିଜକୁ ଏକାକାର ନକରି ଆତ୍ମସ୍ୱାର୍ଥୀ ହୋଇ ବିଷଜ୍ୱାଳାରେ ଜର୍ଜରିତ । ତଥାପି ଘୁଷୁରି ପଙ୍କରେ ଲୋଟି ଆନନ୍ଦ ପାଇବା ଭଳି ପରମାର୍ଥ ପଥକୁ ଛାଡି ମଣିଷ ଆଜି ପାର୍ଥିବ ବସ୍ତୁ ସଂଗ୍ରହରେ ଧାଇଁ ଧାଇଁ ନୟାନ୍ତ । ଈଶ୍ୱରୀୟ ଚିନ୍ତା ଚେତନା ଭିତରେ ନିଜକୁ ପ୍ରବୃତ୍ତ ନକରି ନଶ୍ୱର ବସ୍ତୁ ଦ୍ୱାରା ବିଳାସମୟ ଜୀବନଯାପନରେ ଆତ୍ମହରା ହୋଇଉଠୁଛି । ସ୍ରଷ୍ଟାଙ୍କ ହାତ ତିଆରି ସୃଷ୍ଟିର ସମସ୍ତ ଐଶ୍ୱର୍ଯ୍ୟ ବିଭବ ଭିତରେ ବୁଡି ରହି ସାମୟିକ ଅଳିକ ସୁଖ ଭୋଗରେ ମନୁଷ୍ୟ ଆଜି ଦିଗହରା । ଭଗବାନଙ୍କର ଅମୃତ ଦାନକୁ ଭୋଗ କରି ସନ୍ତୁଳନ ଅଭାବରେ ଜୀବ ଆଜି ରୋଗଗ୍ରସ୍ତ । ସୁଯୋଗକୁ ବାସ୍ତବ ରୂପାୟନ କରି ନପାରି ଦୁର୍ଯୋଗକୁ ଆହ୍ୱାନ କରୁଛି ମୂଢ଼ ସମାଜ । ମାତା ଅଛନ୍ତି, ମାତୃତ୍ୱ ନାହିଁ, ପିତା ଅଛନ୍ତି, ପିତୃତ୍ୱ ନାହିଁ, ଭାଇ ଅଛନ୍ତି, ଭ୍ରାତୃତ୍ୱ ନାହିଁ, ବନ୍ଧୁ ଅଛନ୍ତି, ବନ୍ଧୁତା ନାହିଁ । ମନୁଷ୍ୟ ଆଜି ନିଜ ସ୍ଥିତି ସଂପର୍କରେ ବୁଝିବା ପାଇଁ ଅନିଚ୍ଛୁକ । ସଂସ୍କୃତିକୁ ଆଧୁନିକତାର ପାଉଁଶ ଗଦାତଳେ ଚାପି ମଣିଷ ସଭ୍ୟତାର ଦୁହାଇ ଦେଇ ଅଣନିଃଶ୍ୱାସୀ ହୋଇ ଧାଇଁ ଚାଲିଛି ଆଗକୁ ଆଗକୁ । ଯେଉଁ ଆଗକୁ ଆଗେଇବାର ମାନେ ହେଉଛି ଭିତ୍ତିହୀନ ନଭଶ୍ଚୁମ୍ବୀ ଅଟ୍ଟାଳିକାରେ ଗାଢ଼ ନିଦ୍ରାରେ ଅଚେତନ ହୋଇ ନିଦ୍ରିତ ରହିବା । ଅଜ୍ଞ ମଣିଷ ଜାଣେ ନାହିଁ ଅଦିନିଆ ଝଡ ଆସିଲେ ଭିତ୍ତିହୀନ ଅଟ୍ଟାଳିକା ପଲକ ମାତ୍ରେ ଧୂଳିସାତ ହୋଇଯିବ । ଆଉ ବିପର୍ଯ୍ୟସ୍ତ ହୋଇଯିବ ଜୀବନର ଖୁଅ ଟିକକ । ରହିବ ନାହିଁ ରୂପର ଗର୍ବ, ରହିବ ନାହିଁ ଜାତିର ଟେକ, ରହିବ ନାହିଁ କୋଠା ବାଡି, ପ୍ରତିଷ୍ଠା, ପ୍ରତିପତ୍ତି, ଆସନ, ପଦମର୍ଯ୍ୟାଦା । ଯୁଗର ସନ୍ଧିକ୍ଷଣରେ ଯେତେବେଳେ ମନୁଷ୍ୟ ବିପଥଗାମୀ ହୋଇ ବିଷୟାରେ ମାତି ବିଶ୍ୱେଶ୍ୱରଙ୍କ ଠାରୁ ଦୂରେଇଯାଏ, ସେତେବେଳେ ଭଗବାନ ଜଣେ ଧର୍ମ ଗୁରୁଙ୍କୁ ନିର୍ଦ୍ଦେଶ ଦେଇ ଧରାପୃଷ୍ଠକୁ ପଠାଇଥାନ୍ତି ଜଗତରେ ଜ୍ଞାନବାଣୀ ପ୍ରଚାର କରି ଅଜ୍ଞାନ ମଣିଷକୁ ଜ୍ଞାନର ଆଲୋକ ପ୍ରଦାନ କରିବା ପାଇଁ । ବର୍ତ୍ତମାନ ଶ୍ୱେତବରାହ କଳ୍ପର ସପ୍ତମ ମନ୍ୱନ୍ତର ବୈବସ୍ୱତ ମନୁଙ୍କର ଅଠେଇଶି ଚତୁଃଯୁଗରେ ପାପର ମାତ୍ରା ଚରମ ସୀମାରେ ପହଞ୍ଚିଛି । ଧର୍ମ ଆଜି ଗ୍ଲାନିଯୁକ୍ତ । ନେମାଳ ପଦ୍ମବନର ପ୍ରଚଣ୍ଡ ପ୍ରତିଭା ନିର୍ବିକଳ୍ପ ସମାଧି ଯୋଗୀ ଅଚ୍ୟୁତାନନ୍ଦ ମହାପୁରୁଷ ''ଗୁପ୍ତ ଗହନଗୀତା'' ମାଳିକାରେ ଲେଖିଥିଲେ-

ମାତା ମାଉସୀ ଶାଶୁକୁ ହରଣ ।
ବେଦ ନପଢ଼ିବେ ତିଳେ ବ୍ରାହ୍ମଣ ॥
ଭଗ୍ନୀକି ହରିବେ ସୋଦର ଭାଇ ।
ବିପ୍ରେ ମଦିରା ଯେ ଖାଇବେ ମହୀ ॥

ମାଳିକାର ଉକ୍ତ ପଦକୁ ପଢ଼ି ଓ ସାମ୍ପ୍ରତିକ ସାମାଜିକ ପରିସ୍ଥିତିକୁ ଲକ୍ଷ୍ୟକରି ଆମେ ଜାଣି ପାରୁଛନ୍ତି ଯେ ମାଳିକା ବଚନ ଆଜି ସତ୍ୟରେ ପ୍ରତିପାଦିତ ହୋଇଛି । ଭଗବାନଙ୍କ ନିର୍ଦ୍ଦେଶରେ ଅନେକ ଧର୍ମଗୁରୁ ଧରାପୃଷ୍ଠକୁ ଆସି ଶିଷ୍ୟ, ପ୍ରଶିଷ୍ୟ ଗ୍ରହଣ କରି ନିଜର ସାଧନାନୁଯାୟୀ ମଣିଷକୁ ଭଗବତ ମାର୍ଗରେ ପଥିକ କରାଇବାର ଚେଷ୍ଟା କଲେ ମଧ୍ୟ କଳି ଏମିତି ତା'ର ପ୍ରଭାବ ବିସ୍ତାର କରିଛି ଯେ ମନୁଷ୍ୟ ଆଧ୍ୟାତ୍ମିକ ଜଗତରେ ପାଦ ଦେଇ ମଧ୍ୟ ଅହଙ୍କାରଶୂନ୍ୟ ହୋଇ ପାରୁନାହିଁ । ଅଧର୍ମର ଛାୟାରେ ଆଜି ବିଶ୍ରାମରତ ବିଳାସପ୍ରିୟ ମଣିଷମାନେ ରାକ୍ଷସୋଚିତ କାର୍ଯ୍ୟରତ । ସମାଜରେ ସଂସ୍କାର ଆଣିବା ପାଇଁ ସାଧୁର ଖୋଳପା ପିନ୍ଧିଥିବା ମଣିଷ ଭିତରେ ଅସାଧୁତା, ଅର୍ଥ ରୋଜଗାରର ଅଭିସନ୍ଧି । ଏପରି ଘନ ମୁହୂର୍ତ୍ତରେ ପୃଥିବୀ ମାତାର କୋଟି ଆକୁଳ ଆକୁତିକୁ ରକ୍ଷାକରି ଅବ୍ୟକ୍ତ ମଣ୍ଡଳାଧିପତି, କାରଣ ଜଗତରୁ ଧୂଳିର ଧରଣୀକୁ ଓହ୍ଲାଇ ଆସିଛନ୍ତି, ଭଗବାନଙ୍କର ଭଗବାନ, ଗୁରୁଙ୍କର ଗୁରୁ, ଗୁରୁସ୍ୱାମୀ ''ଅତସୀ କୁସୁମ ଶ୍ୟାମ କେଶବ ନାରାୟଣ'' । ତାଙ୍କରି ପ୍ରତ୍ୟକ୍ଷ ନିର୍ଦ୍ଦେଶରେ ଆଜି ଏହି ଇସ୍ପାତ ନଗରୀ ରାଉରକେଲାର ଆଠ ନମ୍ବର ଆଖଣ୍ଡଳମଣି ମନ୍ଦିର ପରିସରରେ ଅନୁଷ୍ଠିତ ହେଉଛି ''କ୍ଷିତିଜ୍ୟୋତି ବ୍ରହ୍ମଯଜ୍ଞ'' । ଆଜି ଯେଉଁ ମହାଜାଗତିକ ଯଜ୍ଞାନୁଷ୍ଠାନ

ଅନୁଷ୍ଠିତ ହେଉଛି ଏହା ସ୍ଥିରୀକୃତ ହୋଇଥିଲା ସତ୍ୟ ଯୁଗରୁ । ଯୋଗୀ, ମୁନି ଋଷିଙ୍କର କାମନା ପୂର୍ଣ୍ଣପାଇଁ, ଭକ୍ତକୁଳକୁ ଉଦ୍ଧାର କରିବାପାଇଁ ଭଗବାନ ପ୍ରତିଯୁଗରେ ନିରାକାରରୁ ନରାକାର, ଅରୂପରୁ ସ୍ୱରୂପ, ନିର୍ଗୁଣରୁ ସଗୁଣ ହୋଇ ଧରାମଣ୍ଡନ କରନ୍ତି । ଏହି ସ୍ଥାନ ସଂପର୍କରେ, କେଉଁ ଋଷିଙ୍କର ବରଭିକ୍ଷାକୁ ରକ୍ଷାକରି ଏବଂ କେଉଁ ତିଥି ବାର ବେଳା ନକ୍ଷତ୍ରରେ ସନାତନ ଧର୍ମ ପ୍ରତିଷ୍ଠାର ଏ କ୍ରାନ୍ତିକାରୀ ମହୋତ୍ସବ ପାଳିତ ହେବ ତାହା ସତ୍ୟଯୁଗରୁ ବିଧି ନିର୍ଦ୍ଦିଷ୍ଟ ହୋଇ ରହିଅଛି । ପାଞ୍ଚଶହରୁ ଊର୍ଦ୍ଧ୍ୱ ବର୍ଷ ତଳେ ନେମାଳମଠର ମହନ୍ତ ଭବିଷ୍ୟତ ଦ୍ରଷ୍ଟା ଅଚ୍ୟୁତାନନ୍ଦ ନିଜ ପୁତ୍ର ବ୍ରଜଗଦାଧରଙ୍କୁ ସମ୍ବୋଧନ କରି ମାଳିକାରେ ଉଲ୍ଲେଖ କରିଛନ୍ତି -

ଧ୍ୟାନ ଦେଇ ଶୁଣ ବରଜ ସୁତ । କଳିଯୁଗ ଲୀଳା ଅତି ବିଚିତ୍ର ॥
ଯା'ରଥିବ ପୂର୍ବ ଜନ୍ମ ସୁକୃତ । ଲୀଳା ଦରଶିବ ତାହାର ନେତ୍ର ॥
ହରଙ୍କ ପୀଠରେ ହରିଙ୍କ କାର୍ଯ୍ୟ । ସତ୍ୟ ଯୁଗରୁ ସେ ହୋଇଛି ଧାର୍ଯ୍ୟ ॥

ଅଚ୍ୟୁତାନନ୍ଦ ମହାପୁରୁଷ ନିଜ ପୁତ୍ର ବ୍ରଜଗଦାଧରଙ୍କୁ କହିଛନ୍ତି ଯେ - ''ରେ ବ୍ରଜ ! ତୁ କଳିଯୁଗର ବିଚିତ୍ର ଲୀଳା କଥା ଶୁଣ । ଆଖଣ୍ଡଳମଣି ହରଙ୍କ ପୀଠରେ ହରି ନାରାୟଣ ଶ୍ରୀଶ୍ରୀଶ୍ରୀ କେଶବଚନ୍ଦ୍ରଙ୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଯା'ର ପୂର୍ବ ଜନ୍ମର ସୁକୃତ ଥିବ, ଏ ଲୀଳାକୁ ସେ ଚର୍ମଚକ୍ଷୁରେ ଦର୍ଶନ କରିପାରିବ ।'' ଯଜ୍ଞସ୍ଥଳର ଚତୁଃପାର୍ଶ୍ୱ ବର୍ଣ୍ଣନା କରିବାକୁ ଯାଇ ମହାପୁରୁଷ ଲେଖିଛନ୍ତି :-

ଐରାବନ୍ଧ ଜଗନ୍ନାଥ ମନ୍ଦିର । ପୂରୁବ ଦିଗରେ ସ୍ଥିତି ତାଙ୍କର ॥
ପଶ୍ଚିମେ ସତ୍ୟବତୀ ସୂତପୀଠ । କେଶବ ଲୀଳାକୁ ଚାହିଁଛି ବାଟ ॥
ଉତ୍ତରରେ ଥିବ କୋକିଳ ଧାର । ପୂର୍ବରୁ ପଶ୍ଚିମ ଗତି ତାହାର ॥
ଉତ୍ତର ପଶ୍ଚିମେ ଧ୍ୱନି ଆୟୁଧ । ନାମେ ନଦୀସ୍ରୋତ ଅପର ଦିଗ ॥
ଦ୍ୱିପାୟନ ପୀଠେ ବେନିଙ୍କ ସଙ୍ଗ । ବ୍ରାହ୍ମଣୀ ଉତ୍ପତ୍ତି ଉତ୍କଳ ଗଙ୍ଗ ॥
ଦକ୍ଷିଣ ଦିଗରେ ପର୍ବତଶ୍ରେଣୀ । ଏକ ପାର୍ଶ୍ୱେ ବିଜେ ତାରା ତାରିଣୀ ॥
ଆନ ପାର୍ଶ୍ୱେ ବୈଷ୍ଣୋଦେବୀ ଜନନୀ । ପୂଜୁଥିବେ ଭକ୍ତ ଆଶିଷ ଘେନି ॥
ଦକ୍ଷିଣ ପଶ୍ଚିମେ ପବନସୁତ । କଳେବର ଅଠଚାଳିଶ ହାତ ॥

ମାଳିକାର ଉପରୋକ୍ତ ପଦ୍ୟାବଳୀ ଅନୁସାରେ - ଏହି ଆଖଣ୍ଡଳମଣି ମନ୍ଦିର ପରିସର ଅର୍ଥାତ୍ ଯଜ୍ଞ ସ୍ଥଳରେ ପୂର୍ବ ଦିଗରେ ଐରାବନ୍ଧ ଜଗନ୍ନାଥ ମନ୍ଦିର ଅବସ୍ଥିତ । ପଶ୍ଚିମ ଦିଗରେ ସତ୍ୟବତୀ ସୂତପୀଠ ଅର୍ଥାତ୍ ଓଡିଶା ପ୍ରସିଦ୍ଧ ବେଦବ୍ୟାସ ପୀଠ ରହିଛି । ଉତ୍ତର ଦିଗରେ କୋକିଳ ଧାର ଅର୍ଥାତ୍ କୋଇଲି ନଦୀ ପ୍ରବାହିତ । ଏହା ପୂର୍ବ ଦିଗରୁ ପଶ୍ଚିମ ଦିଗକୁ ବହି ଯାଇଛି । ଯଜ୍ଞ ସ୍ଥଳର ଉତ୍ତର ପଶ୍ଚିମ ଦିଗରେ ଭଗବାନଙ୍କର ଅଷ୍ଟାଦଶ ଆୟୁଧ ମଧ୍ୟରୁ ଧ୍ୱନି ଆୟୁଧ ଶଙ୍ଖ ନାମରେ ନଦୀଟିଏ କୋଇଲି ନଦୀର ବିପରୀତ ଦିଗ ଅର୍ଥାତ୍ ପଶ୍ଚିମରୁ ପୂର୍ବ ଦିଗକୁ ବହି ଯାଇଛି । ବ୍ୟାସଦେବଙ୍କର ଅନ୍ୟତମ ନାମ କୃଷ୍ଣ ଦ୍ୱିପାୟନ । ମହାପୁରୁଷ ଏଠାରେ ସ୍ପଷ୍ଟକରି ଦେଇଛନ୍ତି ଯେ ବେଦବ୍ୟାସ ପୀଠରେ ଉଭୟ ଶଙ୍ଖ, କୋଇଲି ନଦୀ ''ସଙ୍ଗୀ'' କହିଲେ ଏକତ୍ର ହୋଇଥିବେ । ସେଥିରୁ ଉତ୍କଳର ଗଙ୍ଗା ନାମରେ ଖ୍ୟାତି ଅର୍ଜନ କରିଥିବା ବ୍ରାହ୍ମଣୀ ନଦୀ ସୃଷ୍ଟି ହୋଇଥିବ । ସଭ୍ୟତାର ଉନ୍ନତିକ୍ରମେ ଦକ୍ଷିଣଦିଗ ପର୍ବତ ଶିଖରରେ ତାରାତାରିଣୀ ଓ ବୈଷ୍ଣୋଦେବୀ ମନ୍ଦିର ଗଢ଼ି ଉଠିଛି । ଦକ୍ଷିଣ ପଶ୍ଚିମ ଦିଗରେ ମହାବୀର ହନୁମାନ ଅଛନ୍ତି । ଅଚ୍ୟୁତାନନ୍ଦଙ୍କ ଦର୍ଶନରେ ସେ ଅଠଚାଳିଶି ହାତ ହନୁମାନ ମୂର୍ତ୍ତିଙ୍କୁ ଦେଖିଛନ୍ତି । ଯାହା ଫୁଟ ହିସାବରେ ହେବ ବାସ୍ତରୀ ଫୁଟ । ହନୁମାନବାଟିକାରେ ନିର୍ମିତ ହୋଇଥିଲେ ମଧ୍ୟ ଷୋଡଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ସମାଧି ଯୋଗରେ ବସି ଏହି ଅନାଗତ କଥାକୁ ସେ ଦର୍ଶନ କରି ପାରିଥିଲେ ।

ଯେଉଁ ଋଷିଙ୍କର ବରଭିକ୍ଷାକୁ ପୂର୍ଣ୍ଣକରିବା ପାଇଁ କଳି ଅବତାର ନବଦୂର୍ବାଦଳ କେଶବ ସୁନ୍ଦର ଏହି ଦିବ୍ୟଲୀଳା ସଂଗଠିତ କରାଇଛନ୍ତି, ସେ ସଂପର୍କରେ ଏକ ଗହନ କିମ୍ବଦନ୍ତୀ ରହିଛି ।

ରାଉରକେଲା ଇସ୍ପାତ କାରଖାନାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି ୧୯୫୫ ମସିହାରେ । ୧୯୫୭ ମସିହାରୁ ପ୍ରକୃତ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା । ତା' ପୂର୍ବରୁ ଏ ଅଞ୍ଚଳ ଥିଲା ଘଞ୍ଚ ଅରଣ୍ୟ । ଆଦିବାସୀ ଲୋକଙ୍କର ଚରାଭୂମି । ଅରଣ୍ୟର ଅନତି ଦୂରରେ ଛୋଟ ଛୋଟ ଜନ ବସତି ଥିଲା । ଏଥି ମଧ୍ୟରୁ ଏକ କ୍ଷୁଦ୍ର ପଲ୍ଲୀରେ ଧର୍ମ ପରାୟଣ ଦମ୍ପତି ବାସ କରୁଥିଲେ । ପତିଙ୍କ ନାମ ସୁଧନ୍ୟା ଓ ପତ୍ନୀଙ୍କର ନାମ ଅନ୍ନପୂର୍ଣ୍ଣା । ଦୁହେଁ ଶିବଭକ୍ତ ଥିଲେ । ସେମାନେ ଏତେ ସରଳ, ଉଦାରବାଦୀ ଓ ଜନପ୍ରିୟ ଥିଲେ ଯେ ନିଜର ସୁବାକ୍ୟ ଓ ସୁକର୍ମର ଦିବ୍ୟ ସୁଗନ୍ଧରେ ଜଗତକୁ ସୁବାସିତ କରି ସୁଧନ୍ୟା ନାମକୁ ସାର୍ଥକ କରି ଧନ୍ୟ ହୋଇଥିଲେ । ପତ୍ନୀ ଅନ୍ନପୂର୍ଣ୍ଣା ମଧ୍ୟ ଦରିଦ୍ରତାକୁ ଭ୍ରୂକ୍ଷେପ ନକରି ଭଗବତ କାର୍ଯ୍ୟରେ ପୂର୍ଣ୍ଣପ୍ରାଣ ମନୋନିବେଶ କରି ଅନ୍ନପୂର୍ଣ୍ଣା ନାମକୁ ସାର୍ଥକ କରିଥିଲେ । ମାତ୍ର ସଂସାର କରିବାର ଅନେକ ବର୍ଷ ବିତି ଯାଇଥିଲେ ମଧ୍ୟ ନିଃସନ୍ତାନ ଥିଲେ । ଦିନେ କାଠ ସଂଗ୍ରହରେ ଭୋଳ ହୋଇ ସୁଧନ୍ୟା ଅଗ୍ନାଗ୍ନୀ ବନସ୍ତ ମଧ୍ୟକୁ କେତେବେଳେ ପ୍ରବେଶ କରିଯାଇଛନ୍ତି ତାହା ସେ ନିଜେ ଜାଣି ପାରିନଥିଲେ । ବିଧିର ବିଚିତ୍ର ବିଧାନ । ପ୍ରକୃତିସ୍ଥ ହୋଇ ସୁଧନ୍ୟା ଯେତେବେଳେ ଜାଣି ପାରିଲେ ଯେ ସେ ଘଞ୍ଚ ଜଙ୍ଗଲ ଭିତରକୁ ଅଜାଣତରେ ପଶି ଆସିଛନ୍ତି, ସେତେବେଳକୁ ପଶ୍ଚିମ ଆକାଶରେ ସୂର୍ଯଦେବତା ଅସ୍ତ ହେବାକୁ ଉଦ୍ୟତ । ରାତ୍ରି ଆସନ୍ନ ପ୍ରାୟ । ସମ୍ମୁଖରେ ବିରାଟ ନାଗ ସାପକୁ ଦେଖି ସେ ଭୟପାଇଲେ । ସୁଧନ୍ୟା କୌଣସି ପଦକ୍ଷେପ ନେବା ପୂର୍ବରୁ ନାଗସାପ ତାଙ୍କର କିଛି କ୍ଷତି ନକରି ଦୂରକୁ ଚାଲିଗଲା । ସୁଧନ୍ୟା ଦେଖିଲେ ସାପ ଥିବା ସ୍ଥାନରେ ଗୁଡାଏ ବେଲପତ୍ର ଜମା ହୋଇଛି । ଉପରକୁ ଚାହିଁଲେ ବିରାଟ ବେଲଗଛ ସେ ସ୍ଥାନକୁ ଆବୃତ୍ତ କରି ରଖିଛି । ପାଖକୁ ଯାଇ ଯେତେବେଳେ ସେ ପତ୍ରକୁ ଆଡେଇଲେ, ଦେଖିଲେ ଭଗବାନ ଶଙ୍କରର ଲିଙ୍ଗ ତା ଭିତରେ ଲୁଚି ରହିଛି । ସୁଧନ୍ୟା ସାଷ୍ଟାଙ୍ଗ ପ୍ରଣିପାତ କଲେ । ନିଜ ପଲ୍ଲୀକୁ ଫେରି ଏ କଥାକୁ କେବଳ ନିଜ ସ୍ତ୍ରୀ ଅନ୍ନପୂର୍ଣ୍ଣାକୁ ଗୋପନରେ ଜଣାଇଲେ । ଅନ୍ନପୂର୍ଣ୍ଣା ଥିଲେ ଭକ୍ତିମତି । ତାଙ୍କର ମଧ୍ୟ ମନ ବଳିଲା ଭଗବାନ ଶିବଙ୍କୁ ଦର୍ଶନ କରିବା ପାଇଁ । ସ୍ୱାମୀ ସ୍ତ୍ରୀ ଉଭୟେ ସେହିଦିନ ଠାରୁ ପ୍ରତିଦିନ ବ୍ରାହ୍ମ ମୁହୂର୍ତ୍ତରୁ ଉଠି ସ୍ନାନାଦି ଶୌଚ କାର୍ଯ୍ୟ ସାରି କ୍ଷୀର ନେଇ ଶିବଲିଙ୍ଗ ପୂଜା କରିବାକୁ ଲାଗିଲେ । ତାଙ୍କର ଜୀବନର ଅବଶୋଷ ଥିଲା କେବଳ ସନ୍ତାନଟିଏ ଲାଭ ପାଇଁ । ଦେବଦେବ ମହାଦେବ ସନ୍ତୁଷ୍ଟ ହୋଇ ମାଘମାସ ପୂର୍ଣ୍ଣିମା ଦିନ ଶୂନ୍ୟବାଣୀ କଲେ ଯେ ତୁମ୍ଭର ପୁତ୍ର ସନ୍ତାନଟିଏ ଜାତ ହେବ ଏବଂ ସେ ଜଗତର କଲ୍ୟାଣକର କାର୍ଯ୍ୟରେ ବ୍ରତୀ ହେବ । ଅନ୍ନପୂର୍ଣ୍ଣା ନିଜ ମଣିଷ ଜନ୍ମର ପୂର୍ଣ୍ଣତା ଲାଭ କଲେ ବୋଲି ଆନନ୍ଦରେ ଅଧୀରା ହୋଇଗଲେ । ସଙ୍ଗେ ସଙ୍ଗେ ସୁଧନ୍ୟା ପ୍ରଭୁଙ୍କୁ କୃତଜ୍ଞତାପୂର୍ବକ କହିଲେ - "ହଁ ପ୍ରଭୁ ! ପୁତ୍ର ଜନ୍ମ ହେଲେ ସେ ଜ୍ଞାନୀ, ଗୁଣୀ, ପଣ୍ଡିତ ଓ ବ୍ରହ୍ମଦର୍ଶୀ ହୋଇ ଜଗତ କଲ୍ୟାଣ କରୁ, ତା'ର କୀର୍ତ୍ତିରହୁ" । ପ୍ରଭୁ ଭକ୍ତର ବାଞ୍ଛା ପୂର୍ଣ୍ଣ କଲେ । ଏକବର୍ଷ ପରେ ସେହି ମାଘମାସ ପୂର୍ଣ୍ଣିମା ଦିନ ଅନ୍ନପୂର୍ଣ୍ଣା ପୁତ୍ରବତୀ ହେଲେ । ହୃଦୟର ସମସ୍ତ ସ୍ନେହ ଶ୍ରଦ୍ଧା ଦେଇ ପୁଅକୁ ଲାଳନପାଳନ କଲେ । ପିଲାଟି ଚନ୍ଦ୍ରକଳା ପରି ବଢ଼ିବାକୁ ଲାଗିଲା । ଜଣେ ସାଧୁ ଏକୋଇଶିଆ ଦିନ ଆସି ପୁତ୍ରର ନାମକରଣ କଲେ 'ଗୌରବ' । ପିଲାଟିଦିନରୁ ତା'ପାଖରେ ବୈରାଗ୍ୟ ଲକ୍ଷଣ ପରିସ୍ଫୁଟ ହେଲା । ପିଲାଟି ବାପାମାଆଙ୍କ ସାଥୀରେ ଜଙ୍ଗଲରେ ସେହି ଶିବଲିଙ୍ଗକୁ ଦର୍ଶନ କଲା ।

କାଳସ୍ରୋତରେ ସୁଧନ୍ୟା ଓ ଅନ୍ନପୂର୍ଣ୍ଣାଙ୍କର ବୟସ ବଢ଼ିଲା । ଜଙ୍ଗଲକୁ ଯାଇ ଆଉ ଶିବଙ୍କର ଆରାଧନା କରିବାପାଇଁ ସେମାନେ ସମର୍ଥ ହୋଇପାରିଲେ ନାହିଁ । ଏଥର ଗୌରବ ସେ ଦାୟିତ୍ୱ ତୁଲାଇଲେ । ସମୟାନୁକ୍ରମେ ଗୌରବ ଭଗବାନ ଶିବଙ୍କ ଧ୍ୟାନରେ ଏତେ ମଜ୍ଜିଗଲେ ଯେ ଘନ ବିପିନରେ ନୀରବତାକୁ ଭଲ ପାଇ ଦିନେଦିନେ ଘରକୁ ଫେରନ୍ତି ନାହିଁ । ବାପାମାଆ ପୁଅର ଆସିବା ବାଟକୁ ଚାହିଁ ଚିନ୍ତିତ ହୋଇ ପଡନ୍ତି । ଘରକୁ ଫେରି ଗୌରବ ଧ୍ୟାନରେ ନିଜର ଜନ୍ମବୃତ୍ତାନ୍ତକୁ ଜାଣିପାରି ବାପା ମାଆଙ୍କୁ ମନେ ପକାଇଦେଲେ ଯେ- "ମୋତେ ପାଇବା ପାଇଁ ତୁମେ ଭଗବାନଙ୍କୁ ପ୍ରାର୍ଥନା କରିଥିଲ । ଭଗବାନ ଶିବ ମୋତେ ଜଗତର କଲ୍ୟାଣ ଉଦ୍ଦେଶ୍ୟରେ ତୁମ କୋଳରେ ଜନ୍ମ ଦେଲେ । ଆଜି ମୋ ମୁଣ୍ଡରେ ଜଗତ ମଙ୍ଗଳ କାର୍ଯ୍ୟର ଭାର ପଡିଛି । ତେଣୁ ତୁମ୍ଭେମାନେ ମୋତେ ସ୍ନେହ ଫାଶରେ ବାନ୍ଧିବାକୁ ଚେଷ୍ଟା ନକରି ବନ୍ଧନମୁକ୍ତ କର ।" ଭଗବାନଙ୍କର ମହତୀ ଇଚ୍ଛାକୁ ସମର୍ଥନ ଜଣାଇ ବାପାମାଆ ଗୌରବଙ୍କ କଥାରେ 'ହଁ' ଭରିଲେ । ତା'ପର ଦିନଠାରୁ ଗୌରବକୁ ଆଉ କେହି ଜନବସତିରେ ଦେଖିବାକୁ ପାଇଲେ ନାହିଁ । ଘଞ୍ଚ ଅରଣ୍ୟ

ମଧ୍ୟରେ ସେହି ଶିବଲିଙ୍ଗ ନିକଟରେ ଛୋଟିଆ ପତ୍ର କୁଡିଆଟିଏ କରି ଧ୍ୟାନରେ ହଜିଗଲେ । ଦିନ ପରେ ଦିନ, ପକ୍ଷ ପରେ ପକ୍ଷ, ବର୍ଷ ପରେ ବର୍ଷ ବିତିଗଲା । ଦିନେ ବ୍ରାହ୍ମ ମୁହୂର୍ତ୍ତରେ ସାଧକ ରୌରବ ନଦୀରେ ସ୍ନାନ ସାରି କୁଡିଆକୁ ଫେରିଲା ବେଳକୁ ସମଗ୍ର ବନଭୂମି ଆଲୋକରେ ଉଦ୍‌ଭାସିତ ହେବାର ଦେଖିଲେ । ଧୀରେଧୀରେ ନିକଟବର୍ତ୍ତୀ ହୋଇ ଦେଖିଲେ ସେ ଆଲୋକରଶ୍ମି ତାଙ୍କ କୁଡିଆ ଭିତରୁ ହିଁ ବିଚ୍ଛୁରିତ ହେଉଛି । ରୌରବ କୁଡିଆ ଭିତରେ ପ୍ରବେଶ କରି ଦେଖିଲେ ଜଣେ କେହି ଧ୍ୟାନ ମୁଦ୍ରାରେ ଉପବେଶନ କରିଛନ୍ତି । ଜଟାଜୁଟ ମଣ୍ଡିତ ମସ୍ତକ, ଆଜାନୁଲମ୍ବିତ ହସ୍ତ, ଦୀର୍ଘକାୟ ଶରୀର, ବିଶାଳ ବପୁ, ବ୍ୟାଘ୍ରଚର୍ମ ପରିଶୋଭିତ କଟୀ ପ୍ରଦେଶ, ସମଗ୍ର ଶରୀର ଭସ୍ମ ବିଲୋପିତ । ପାଖକୁ ଯାଇ ପ୍ରଣାମ ନିବେଦନ କରନ୍ତେ ସେ ମହାଯୋଗୀପୁରୁଷ ଆଖି ଖୋଲିଲେ । ରକ୍ତବର୍ଣ୍ଣ ନୟନଯୁଗଳ । ଗୁରୁଗମ୍ଭୀର କଣ୍ଠରେ ଆଶୀର୍ବଚନ ଦେଇ କହିଲେ- ''ହେ ଭକ୍ତଶ୍ରେଷ୍ଠ ରୌରବ, ମୁଁ ତୁମ ତପସ୍ୟାରେ ସନ୍ତୁଷ୍ଟ । ତୁମର କ'ଣ ଅଭିଳାଷ ବ୍ୟକ୍ତ କର । ରୌରବ ହାତଯୋଡ଼ି ବିନମ୍ର କଣ୍ଠରେ ପରିଚୟ ମାଗିବାରୁ ସେ ଉତ୍ତର ଦେଲେ - ''ତୁମ ପିତାମାତା ଯାହାଙ୍କୁ ପ୍ରାର୍ଥନା କରି ତୁମକୁ ପ୍ରାପ୍ତ ହୋଇଛନ୍ତି, ତୁମେ ଯାହାଙ୍କ ନାମକୁ ମନ୍ତ୍ର କରି ଜପ କରୁଛ, ଆମେ ସେହି ଦେବଦେବ ମହାଦେବ, ଶିବ ।'' ରୌରବ ଦଣ୍ଡ ପ୍ରଣାମ କଲେ । ନିଜ ଜୀବନର ସାର୍ଥକତାକୁ ଅନୁଭବ କରି କୃତ୍ୟକୃତ୍ୟ ହୋଇଗଲେ । ଭଗବାନ ଶିବ ପ୍ରଶାନ୍ତ ଚିତ୍ତ, ପ୍ରଶାନ୍ତ ବଦନରୁ ପ୍ରଶାନ୍ତିଭରା ବାଣୀ ପ୍ରକାଶ କରି କହିଲେ- ''ହେ ରୌରବ, ଆମେ ତୁମକୁ ଆଶିଷ ପ୍ରଦାନ କରୁଛୁ-ତୁମେ ଭଗବାନଙ୍କୁ ଓ ଭକ୍ତମାନଙ୍କୁ ସନ୍ତୁଷ୍ଟ କରି ପାରିବାର କଳାରେ ନିପୁଣ ହେବ ।'' ତୁମେ ଆଜି ଆମ୍ଭଠାରୁ କଳା ପ୍ରାପ୍ତହେବାରୁ ତୁମ ନାମାନୁସାରେ ତୁମର ଏ ତପସ୍ୟା-ଭୂମିର ନାମ ହେବ ରୌରବକଳା ।'' ଏଥର ରୌରବ ନିଜ ମନ କାମନାକୁ ବ୍ୟକ୍ତ କଲେ । ''ହେ ପ୍ରଭୁ ଭୋଳାନାଥ ! ''ଏତିକି ଦୟା ରଖିଥିବେ, କଳିଯୁଗ ହେଉଛି ଚାରିଯୁଗ ମୀମାଂସାର ଯୁଗ । ସେ ଯୁଗରେ ଭଗବାନ ପୂର୍ଣ୍ଣବ୍ରହ୍ମଙ୍କର ଅଙ୍ଗସଙ୍ଗ ଲାଭ କରିବା ପାଇଁ ଚାରିଯୁଗର ଭକ୍ତମାନେ ବରପ୍ରାପ୍ତ ହୋଇ ଦେହ ଧାରଣ କରିବେ । ମୋର ଏ ତପସ୍ୟାଭୂମିରେ ଯେମିତି ଚାରିଯୁଗର ଭକ୍ତମାନଙ୍କର ମିଳନ ହେବ । ଅବତାର ପୁରୁଷ ନିଜେ ବିଜେ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେବେ । ଚତୁଃଯଜ୍ଞ ଅନୁଷ୍ଠିତ ହେବ ।'' ଭବିଷ୍ୟ ଦ୍ରଷ୍ଟା ଅଚ୍ୟୁତ ତାଙ୍କର ''କଳି ଯୁଗାବ୍ଦ''ରେ ଉଲ୍ଲେଖ କରିଛନ୍ତି:-

ଧନ୍ୟ ସେ ଭକତ ଶ୍ରେଷ୍ଠ ସୁଧନ୍ୟା । ଧନ୍ୟ ସେହି ଜନନୀ ଅନ୍ନପୂର୍ଣ୍ଣା ।।
ଆଶୁତୋଷ କୃପା ବରଷାକଲେ । ରୌରବଙ୍କ ଭଳି ପୁତ୍ର ଲଭିଲେ ।।
କଳାପ୍ରାପ୍ତ ହେଲେ ଋଷି ରୌରବ । ନିଜ ନାମେ ସ୍ଥାନେ ଅତି ଗୌରବ ।।
ସୁନ୍ଦର ଅରଣ୍ୟେ ଦର୍ଶନ ପ୍ରାପ୍ତ । ସୁନ୍ଦର ଗଡର ଗୁପ୍ତ ମହତ୍ତ୍ୱ ।।
କହିଲି ତୋତେରେ ବରଜ ସୁତ । ଅତ୍ୟନ୍ତ ଗୋପନ ଲୀଳାର ସୂତ୍ର ।।
ଯେତେବେଳେ ହେବ ମନ୍ତ୍ରୀ ଶାସନ । କଳକାରଖାନା ହେବ ନିର୍ମାଣ ।।
ଲୁହାପାତ୍ରେ ଜନ ଭୁଞ୍ଜିବେ ଭାତ । କାଗଜେ ହୋଇବ ଭୋଜନ ପାତ୍ର ।।
ରୌରବ କଳା ଯେ ହୋଇବ ଭାଗ । ଆଠ ଭୂଖଣ୍ଡରେ ସଂହତି ଯାଗ ।।
କ୍ଷିତି ମଧ୍ୟେ ଜ୍ୟୋତି ଜାଳିବା ପାଇଁ । କ୍ଷିତିଜ୍ୟୋତି ବ୍ରହ୍ମ ଯଜ୍ଞ କରାଇ ।।
ହରିହର ଭେଟ ହୋଇବ ତହିଁ । ଶ୍ରୀକେଶବ ହରି ଆସିବେ ଧାଇଁ ।।

ଉପରୋକ୍ତ ପଦ୍ୟାବଳୀ ଅନୁସାରେ - ଭକ୍ତପ୍ରବର ସୁଧନ୍ୟା ଓ ଭକ୍ତିମତି ଅନ୍ନପୂର୍ଣ୍ଣା ଭଗବାନ ଆଶୁତୋଷ ଶିବଙ୍କ କୃପାରୁ ରୌରବ ଭଳି ଋଷି ପୁତ୍ରକୁ ଲାଭ କରିଥିଲେ । ଭକ୍ତ ଓ ଭଗବାନଙ୍କୁ ସନ୍ତୁଷ୍ଟ କରିବାର କଳା ପ୍ରାପ୍ତ ହୋଇଥିବାରୁ ଏ ସ୍ଥାନର ନାମ ଭଗବାନ ଶିବ ନାମକରଣ କରିଥିଲେ 'ରୌରବ କଳା' । କାଳକ୍ରମେ ଏ ସ୍ଥାନର ନାମ ରୌରବକଳାରୁ ରାଉରକେଲାରେ ପରିବର୍ତ୍ତନ ହୋଇଯାଇଛି । ଏହା ପୂର୍ବରୁ ଦେଓଗାଁ, ତରକେରାସ୍ଥ ଧବଳେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଆଉ ଏକ ଯଜ୍ଞାନୁଷ୍ଠାନ ତା୧୧.୦୬.୨୦୧୦ ରିଖ ଠାରୁ ତା୧୫.୦୬.୨୦୧୦ ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ସୁନ୍ଦର ଅରଣ୍ୟ ଭୂମିରେ ପରିଶୋଭିତ ଥିବାରୁ ସ୍ଥାନର ନାମ ସୁନ୍ଦରଗଡ଼ ହୋଇଛି ।

ଅଚ୍ୟୁତାନନ୍ଦ ନିଜ ପୁତ୍ର ବ୍ରଜଗଦାଧରଙ୍କୁ ସାକ୍ଷୀ ରଖି ମାଳିକା ରଚନା କରିଛନ୍ତି ଯେ, ଯେତେବେଳେ ଦେଶରୁ ରାଜତନ୍ତ୍ର ଉଠିଯାଇ ଗଣତନ୍ତ୍ର ଶାସନ ପ୍ରଚଳିତ ହେବ, ରାଜଗାଦୀରେ ମନ୍ତ୍ରୀମାନେ ବସିବେ, ସେତେବେଳେ ଲୌହ ଇସ୍ପାତ କାରଖାନା ଗଢ଼ି ଉଠିବ । ମଣିଷମାନେ ଲୁହାପାତ୍ର ବା ଷ୍ଟିଲ୍ ବାସନରେ ଭୋଜନ କରିବେ । କାଗଜରେ ଭୋଜନପାତ୍ର ନିର୍ମିତ ହେବ । ବିବାହଆଦି ଉତ୍ସବରେ ଭୋଜି ଖାଇବା ପାଇଁ ଯେଉଁ ଖଲି ଚୌପତ୍ରି ତିଆରି ହେଉଛି, ତାହା ଏବେ ପତ୍ରରେ ନ ହୋଇ କାଗଜ ପଟିରେ ତିଆରି ହେଉଛି, ଏହା ଅଚ୍ୟୁତାନନ୍ଦ ତାଙ୍କ ଦର୍ଶନ ବଳରେ ଜାଣି ପାରିଥିଲେ । ରାଉରକେଲା ବିଭିନ୍ନ ସେକ୍ଟରରେ ବିଭାଗୀକରଣ ହେବ । ସେଥିମଧ୍ୟରୁ ଆଠ ଭୂଖଣ୍ଡ କହିଲେ ଆଠ ନମ୍ବର ସେକ୍ଟରର ହରକ୍ଷେତ୍ର ଆଖଣ୍ଡଳମଣି ମନ୍ଦିର ପଡ଼ିଆରେ ନାମ ଯଜ୍ଞ ଅନୁଷ୍ଠିତ ହେବ । ହରିହର ଭେଟ ହୋଇବ । ଅର୍ଥାତ୍ ଭଗବାନ ପୂର୍ଣ୍ଣବ୍ରହ୍ମ କେଶବଙ୍କୁ ଆଖଣ୍ଡଳମଣି ଦର୍ଶନକରି ଧନ୍ୟ ହେବେ । ଯଜ୍ଞର ସମୟ ସଂପର୍କରେ ସୂଚନା ଦେବାକୁ ଯାଇ ମହାପୁରୁଷ କହିଛନ୍ତି :-

ତିନିଶୂନ ବାମେ ରଶି ପ୍ରକୃତି । ଭୂବନ ଭୋଗକୁ ରଖିଥା ମତି ।।
ଫିରିଙ୍ଗି ବେନି ଯେ ଏକାଦଶକୁ । ବ୍ରହ୍ମ ଊଣା ହେଉଥିବ ତହିଁକୁ ।।
ଅବତାର ମାସ ପୁଣ୍ୟ ଦିବସ । ସପ୍ତ ମନ୍ୱନ୍ତର ମକର ମାସ ।।
ଭୌମୀ ଏକାଦଶୀ ଉଜ୍ଜ୍ୱଳ ପକ୍ଷ । ପୁଣ୍ୟପ୍ରାପ୍ତି ଯୋଗ ଶୁଭାଧିବାସ ।।
ଚତୁର୍ଥ ଗ୍ରହଙ୍କ ଦିବ୍ୟ ବାସର । ପୂର୍ଣ୍ଣ କୁମ୍ଭ ଥିବ ଭକ୍ତଙ୍କ ଶିର ।।

ଉପରୋକ୍ତ ପଦ୍ୟାବଳୀର ଅର୍ଥ ଏହିପରି ଯେ - ତିନୋଟି ଶୂନ ଲେଖି ବାମରେ ପ୍ରକୃତି ରଖିବ । ଏକବ୍ରହ୍ମ ଦୁଇ ଭାଗ ହୋଇ ପୁରୁଷ ପ୍ରକୃତିର ସଂଯୋଗୀକରଣରେ ସୃଷ୍ଟି ଲୀଳା ଭିଆଣ କରିଛନ୍ତି । ପୁରୁଷ ଯଦି ଏକ ହୁଅନ୍ତି ତେବେ ପ୍ରକୃତି ହେଲା ଦୁଇ । ତେଣୁ ତିନି ଶୂନ ବାମରେ ପ୍ରକୃତି ରଖିବା ଅର୍ଥ ଦୁଇକୁ ରଖିଲେ ଦୁଇହଜାର ହେଉଛି । ଭୂବନ ଭୋଗ କହିଲେ ଚତୁର୍ଦ୍ଦଶ ଭୂବନ, ସଂଖ୍ୟା ଚଉଦକୁ ବୁଝିବାକୁ ହେବ । ଫିରିଙ୍ଗି ବେନି କହିଲେ ଇଂରାଜୀ ଦ୍ୱିତୀୟ ମାସ ଫେବୃୟାରୀ ମାସ । ଏକାଦଶକୁ ବ୍ରହ୍ମ ଊଣା ଅର୍ଥାତ୍ ବ୍ରହ୍ମ କହିଲେ ଏକ ବ୍ରହ୍ମ । ତେଣୁ ଏକାଦଶରୁ ଏକ ଊଣା ହେଲେ ଦଶକୁ ବୁଝାଇବ । ଅବତାର ମାସ କହିଲେ ଦଶଅବତାର ନ୍ୟାୟରେ ଓଡିଆରେ ଦଶମ ମାସ ହେଉଛି ମାଘ ମାସ । ସପ୍ତ ମନ୍ୱନ୍ତର ମକର ମାସ ଅର୍ଥାତ୍ ବର୍ତ୍ତମାନ ଶ୍ୱେତବରାହ କଳ୍ପର ସପ୍ତମ ମନୁ ବୈବସ୍ୱତ ମନୁଙ୍କ ଅଠେଇଶ ଚର୍ତୁଯୁଗର କଳିଯୁଗ । ଅଚ୍ୟୁତଙ୍କ ମାଳିକାର ଠାର ଅନୁସାରେ ମକର ଅଠେଇଶି ଦିନ । ଉଜ୍ଜ୍ୱଳ ପକ୍ଷ କହିଲେ ଶୁକ୍ଳପକ୍ଷର ଭୌମୀ ଏକାଦଶୀ ତିଥିରେ ଶୁଭାଧିବାସ ହେବ । ଚତୁର୍ଥ ଗ୍ରହଙ୍କ ବାସର କହିଲେ ମଙ୍ଗଳବାର । ସାମଗ୍ରିକ ଭାବରେ ପଦ୍ୟାବଳୀର ଅର୍ଥ ହେଲା - ୨୦୧୪ ମସିହା ଫେବୃୟାରୀ ଦଶ ତାରିଖ, ଓଡିଆ ମାଘମାସ ମକର ଅଠେଇଶି ଦିନ, ଶୁକ୍ଳପକ୍ଷ ଭୌମୀ ଏକାଦଶୀ ଦିନ ଯଜ୍ଞର ଶୁଭାଧିବାସ ହେବ । ଭକ୍ତମାନେ ମସ୍ତକରେ ପୂର୍ଣ୍ଣକୁମ୍ଭ ଧାରଣ କରିବେ ।

ପୁନଶ୍ଚ ଅଚ୍ୟୁତାନନ୍ଦ ଉଲ୍ଲେଖ କରିଛନ୍ତି -

ମନଦିନ ହେବ ଭକତ ମେଳା । ଅନୁପସ୍ଥିତରେ ବୁଡିବ ଭେଳା ।।
ଏକାଦଶ ରାଶି ବେନି ଦିବସେ । ପୂର୍ଣ୍ଣିମାରେ ପୂର୍ଣ୍ଣାହୁତି ପ୍ରକାଶେ ।।
ଶଙ୍କର ବିରଞ୍ଚି ବିଷ୍ଣୁ ପୂଜିତ । ପୂର୍ଣ୍ଣବ୍ରହ୍ମ ଆସି ହେବେ ଆଗତ ।।
ସ୍ଥୂଳ ସୂକ୍ଷ୍ମ ଲୀଳା ଅନୁଭବୁ । ଭ୍ରାତୃତ୍ୱ ଡୋରୀରେ ବନ୍ଧନ ହେବୁ ।।
ମାନ ଅଭିମାନ କରିବୁ ନାହିଁ । ସବୁ ସହୁଥିବୁ ଜଣଙ୍କୁ ଚାହିଁ ।।
ନିନ୍ଦା ଅପନିନ୍ଦା ପଛେ ପକାଇ । ସନାତନ କାର୍ଯ୍ୟ ଯାଉଥା ବାହି ।।
ପ୍ରତିଷ୍ଠା ପଦବୀ ଖୋଜିବୁ ନାହିଁ । କେଶବଙ୍କ କାର୍ଯ୍ୟେ ଚିତ୍ତକୁ ଥୋଇ ।।
ସହିଯିବୁ ଯେବେ ପାରିବୁ ଯାହା । ଅମୂଲ ମୂଲ କେ କଳିବ ତାହା ।।

ଉପରୋକ୍ତ ପଦ୍ୟାବଳୀରେ ଅଚ୍ୟୁତ ବୁଝାଇ ଦେଇଅଛନ୍ତି ଯେ - ମନ କହିଲେ ପାଞ୍ଚମନ, ମନ ଦିନ ଅର୍ଥାତ୍ ପାଞ୍ଚଦିନ । ଏହି ମହାଜାଗତିକ ଭକତମେଳା ମହୋତ୍ସବ ପାଞ୍ଚଦିନ ଧରି ଚାଲିବ । ଏକାଦଶ ରାଶି କହିଲେ କୁମ୍ଭ ରାଶି । କୁମ୍ଭ ଦୁଇଦିନ ପୂର୍ଣ୍ଣିମା ତିଥିରେ ପୂର୍ଣ୍ଣାହୁତି କାର୍ଯ୍ୟ ହେବ । ବ୍ରହ୍ମା, ବିଷ୍ଣୁ ଓ ଶିବ ଯେଉଁ ଅନାଦି ବ୍ରହ୍ମଙ୍କ ପୂଜା କରନ୍ତି ସେ ପୂର୍ଣ୍ଣବ୍ରହ୍ମ ଉକ୍ତ ଯଜ୍ଞସ୍ଥଳକୁ ଆସିବେ । ଯାର ଅନୁଭବ ଥିବ, ସିଏ ଭଗବାନଙ୍କ ସ୍ଥୂଳ ଓ ସୂକ୍ଷ୍ମ ଲୀଳାକୁ ଅନୁଭବ କରିପାରିବ । ମାନ ଅଭିମାନରେ ନ ମାତି ଭ୍ରାତୃତ୍ୱସୂତ୍ରରେ ବାନ୍ଧି ହୋଇ, ନିନ୍ଦା ଅପନିନ୍ଦାକୁ ମୁଣ୍ଡରେ ମୁଣ୍ଡେଇ ସନାତନ ଧର୍ମ ପ୍ରତିଷ୍ଠାର ଏ ଯେଉଁ ବିରାଟ ପଦକ୍ଷେପ, ସେ କାର୍ଯ୍ୟକୁ ବାହିନେବୁ । ଆପଣା ପ୍ରତିଷ୍ଠା ଖୋଜିବୁ ନାହିଁ । କେଶବଙ୍କ ପାଦତଳେ ମନଦେଇ ସବୁ ସହି କାର୍ଯ୍ୟକୁ ବାହି ନେଲେ ଅମୂଲ୍ୟ ନିଧି ପ୍ରଭୁଙ୍କର କୃପା ପାଇବୁ ।

ହେ ଉପସ୍ଥିତ ସଦାତ୍ମାଗଣ ! ମାଳିକାର ପ୍ରମାଣ ଅନୁସାରେ କଳି ଅବତାର ପୂର୍ଣ୍ଣବ୍ରହ୍ମ ବିଗତ ଅଣଷଠି ବର୍ଷ ତଳୁ ଧରାପୃଷ୍ଠକୁ ଆସି ଏମିତି ଯୋଗୀମୁନିଙ୍କ କାମନା ପୂର୍ଣ୍ଣ ଉଦ୍ଦେଶ୍ୟରେ ଯାହା ବିଧିନିର୍ଦ୍ଦିଷ୍ଟ ସେ ଯଜ୍ଞାନୁଷ୍ଠାନ ଓ ସତସଙ୍ଗ କାର୍ଯ୍ୟ କରାଇ ଚାଲିଛନ୍ତି । ଆମେ ତାଙ୍କର ଆଶ୍ରିତ ହୋଇ ତାଙ୍କ ମହତୀଇଚ୍ଛା ପୂର୍ଣ୍ଣ କରିବାର ଅଭିଳାଷକୁ ମନ ଭିତରେ ପୋଷଣ କରି ଉଚ୍ଚାରଣ ସହିତ ଆଚରଣରେ କର୍ମତତ୍ପର ହୋଇ ପାରିଲେ, ତାଙ୍କର ଅମୀୟ ଲୀଳାରସକୁ ଆସ୍ୱାଦନ କରି ପାରିବ । ତାଙ୍କ ନିର୍ଦ୍ଦେଶିତ କର୍ମଧାରାରେ ଜୀବନ ଅତିବାହିତ କରି ପାରିଲେ, ମନୁଷ୍ୟ ଜନ୍ମର ଦୁର୍ଲ୍ଲଭତାକୁ ଉପଲବ୍ଧି କରି ପାରିବା । ଅଚ୍ୟୁତାନନ୍ଦ ମହାପୁରୁଷ ''ଭବିଷ୍ୟ ପରାର୍ଦ୍ଧ''ରେ ଉଲ୍ଲେଖ କରିଛନ୍ତି :-

ଧାରାରେ ଯେ ଥିବେ ସେ ତ ବିହନ ହୋଇବେ ।
ଧାରାରେ ଚଳିବା ଲୋକ ସମସ୍ତେ ରହିବେ ॥

ପ୍ରଭୁ ଚକ୍ର ଯେ -

ସୁଦର୍ଶନେ ଆବୋରି ରଖିବେ ଯେ

ଭକ୍ତ ଭ୍ରାତୃ ଭଗ୍ନୀଗଣ ! ଆମେ ଏହି ଚରମ ନିର୍ଦ୍ଦେଶ ଧାରାକୁ ପାଳନ କରୁଥିଲେ ପ୍ରକୃତିର ବିରଚିତ ସମସ୍ତ ଆପଦବିପଦ ବେଳେ ପ୍ରଭୁ ଆମକୁ ଘଣ୍ଟ ଘୋଡାଇ ରଖିବେ । ସମଗ୍ର ବିଶ୍ୱରେ ଯେତେ ପୂଜ୍ୟ ଗୁରୁଅଙ୍ଗ ଧରାପୃଷ୍ଠକୁ ଆସିଛନ୍ତି, ସମସ୍ତେ ଶିଷ୍ୟଙ୍କୁ ଦୀକ୍ଷା ପ୍ରଦାନ କରୁଛନ୍ତି । ମାତ୍ର ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ସିଦ୍ଧସାଧକ ଯଶୋବନ୍ତ ଦାସ ପଟ୍ଟଶିଷ୍ୟ ରାମଦାସଙ୍କୁ ବୁଝାଇ କହିଛନ୍ତି ''ଭବିଷ୍ୟ କଳ୍ପ'' ମାଳିକାରେ -

ଯୋଗୀବେଶ ହୋଇ ବ୍ରହ୍ମାଣ୍ଡ ଗୋସାଇଁ ମର୍ତ୍ତ୍ୟକୁ ବିଜୟ କଲେ । ଜାଗିଥାଅ ବୋଲି ଭକତଜନଙ୍କୁ ମହାନିତ୍ୟ ଧାରା ଦେଲେ ''ପୂର୍ଣ୍ଣବ୍ରହ୍ମ କେଶବ ନାରାୟଣ ଭକ୍ତ, ଶିଷ୍ୟ, ଆଶ୍ରିତମାନଙ୍କୁ ଧାରା ଦେଇ ଆପଣାର କରି କଳିଯୁଗରେ ଉଦ୍ଧାର ପାଇବାର ମାର୍ଗ ପ୍ରଦର୍ଶନ କରାଇ ଆସୁଛନ୍ତି ।

ଶେଷରେ ଏତିକି ଅଳି -

''ହେ କେଶବ ! ହେ ପୂର୍ଣ୍ଣବ୍ରହ୍ମ ! ହେ ଶରଣ ରକ୍ଷଣ ମହାବାହୁ !!!

ହେ ଭଗବାନଙ୍କର ଭଗବାନ, ହେ ଗୁରୁଙ୍କର ଗୁରୁ ଗୁରୁସ୍ୱାମୀ, ଆପଣ ଆମକୁ ନିଜର କରି ଆପଣଙ୍କ ଯୁଗଲୀଳାରେ ସହଭାଗୀ କରାନ୍ତୁ । ଆମ ଉପରେ ଏହିପରି ଆପଣଙ୍କର କୃପା ବର୍ଷା ହେଉଥାଉ । ଆପଣଙ୍କ କାର୍ଯ୍ୟରୁ ମନ ବିରତ ନ ହେଉ ଏହି ଆଶିଷ ଢାଳି ଦିଅନ୍ତୁ । ଆପଣଙ୍କର ଜୟହେଉ । ଧର୍ମର ଜୟ ହେଉ । ମହୀତଳେ ଆପଣଙ୍କ କୀର୍ତ୍ତିଅକ୍ଷୟ ରହୁ ।''

**ଅଳମତି ବିସ୍ତରେଣ**

**ହରି ଓଁ ତତ୍ ସତ୍**

**ଶ୍ରୀ କେଶବାର୍ପଣମସ୍ତୁ !!!**

**କେଶବ ଶରଣଂ ! କେଶବ ଶରଣଂ !! କେଶବ ଶରଣଂ !!!**